## ବନ୍ଧୁକ, ଗୁଳି ଜବତ: ୩ ଗିରଫ

**କଟକ ଅଫିସ:** ଲୁଟ୍ ଉଦ୍ୟମ ଅଭିଯୋଗରେ ଜଗତ୍‌ପୁର ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳ ଗୁରୁସାହିର ଲୋକନ ଗୁରୁ, ଜଗତ୍‌ସିଂହପୁର ଜିଲା ରୟଙ୍କପାଟଣାର ଦିବ୍ୟରଞ୍ଜନ ସେଠୀ ଓ ରାଇବରାଇ ଗ୍ରାମର ବିକ୍ରମ ପରିଡ଼ା। ସେମାନଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଙ୍ଗଳବାର ଅପରାହ୍ନରେ ବାରବୋଡିଆଠାରେ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କଠାରୁ ଲୁଟ୍ ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ପାଗା ଆଉଟ୍‌ପୋଷ୍ଟ ଏସ୍‌ଆଇ ଆର.କେ. ବଳ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

**ସଂକ୍ଷେପରେ**

## ଏସ୍‌ସିବି ମେଡିକାଲରୁ ୪ ଦଲାଲ ଗିରଫ

**କଟକ ଅଫିସ, ୨୮।୪:** ଏସ୍‌ସିବି ମେଡିକାଲ ପରିସରରୁ ୪ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଆମ୍ବୁଲାନ୍ସ ଡ୍ରାଇଭର ଉପ ମଲ୍ଲିକ, ମଙ୍ଗଳାବାଗ ନୂଆପାଟଣା ଅଞ୍ଚଳର ଭଗବାନ ସାହୁ, କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ରଞ୍ଜନ ସିଂ(୪୫) ଓ ଅନୁଗୋଳ ଆଠମଲ୍ଲିକ ଥାନା ଅଞ୍ଚଳର ମନେନ୍ଦ୍ର ନାୟକ(୩୧)। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ବୁଧବାର ପୂର୍ବାହ୍ନରେ ଏସ୍‌ସିବି ମେଡିକାଲରେ କେତେଜଣ ଦଲାଲ ଅନ୍ୟ ବେସରକାରୀ ହସ୍ପିଟାଲକୁ ରୋଗୀମାନଙ୍କୁ ପଠାଉଥିବା ପୋଲିସକୁ ଖବର ମିଳିଥିଲା। ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ।

## ଟିକଟ ଲୋକାର୍ପିତ

**କଟକ ଅଫିସ, ୨୮।୪:** ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଆଡଭୋକେଟ୍ସ କର୍ପସ ଫଣ୍ଡ ନିୟମ ଅନୁଯାୟୀ ବୁଧବାର ଏକ ପାଣ୍ଠି ଗଠନ କରାଯାଇଛି। ଏହି ନିୟମ ଅନୁଯାୟୀ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଏକ ଟିକଟ(ଷ୍ଟାମ୍ପ) ଜାରି ହୋଇଛି। ଏହି ଟିକଟକୁ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଓ ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଲୋକାର୍ପିତ କରିଥିଲେ। ଆସନ୍ତା ୧୪ ତାରିଖଠାରୁ ଉକ୍ତ ଟିକଟକୁ ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ଓକିଲାତିନାମା ଦାଖଲ ସମୟରେ ରାଜ୍ୟର ସମସ୍ତ ଆଇନଜୀବୀ ସଂଲଗ୍ନ କରିବା ପାଇଁ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

## ୬ ମେଣ୍ଢା ମୃତ, ୩ ଗୁରୁତର

**ନିଆଳିରେ ଅଜଣାଜନ୍ତୁ ଆତଙ୍କ**

**ନିଆଳି, ୨୮।୪(ଡି.ଏନ୍.ଏ) :** କଟକ ଜିଲା ନିଆଳି ଅଞ୍ଚଳରେ ପୁଣି ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ମଙ୍ଗଳବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ନିଆଳି ବ୍ଲକ ତିହୁଡି ପଞ୍ଚାୟତ ବାଘମରା ଗ୍ରାମର ବାବୁରାମ କାଠୁଆଙ୍କ ଗୁହାଳରେ ଥିବା ୬ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଗୁରୁତର ହୋଇଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମେଣ୍ଢା ମୃତଦେହକୁ ବ୍ୟବଚ୍ଛେଦ କରିଛନ୍ତି। ଏହା ଜଙ୍ଗଲୀ ଜନ୍ତୁର କାମ ବୋଲି ଜଙ୍ଗଲ ବିଭାଗ କହୁଛି। ଗତ ୧ ମାସ ଧରି ଜଙ୍ଗଲ ବିଭାଗ କର୍ମଚାରୀ ପାଟ୍ରୋଲିଂ ସହ ଜନ୍ତା ବସାଇ ଉକ୍ତ ଜନ୍ତୁକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ ସେଥିରେ ସଫଳ ହୋଇପାରିନାହାଁ। ଫଳରେ ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ଭୟଭୀତ ହୋଇପଡିଛନ୍ତି।

## ରାଜଧାନୀ ପାଠାଗାର ପକ୍ଷରୁ ମଧୁ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୨୮।୪:** ରାଜଧାନୀର ସର୍ବପୁରାତନ 'ରାଜଧାନୀ ପାଠାଗାର' ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୩ ତମ ଜୟନ୍ତୀ ସ୍ଥାନୀୟ ୟୁନିଟ-୪ ମଧୁସୂଦନ ନଗରସ୍ଥିତ ମଧୁ ପାର୍କ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଚାରପତି ତଥା ରାଜଧାନୀ ପାଠାଗାରର ସଭାପତି ବିଜୟ ଚନ୍ଦ୍ର ରଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପାଠାଗାର ସମ୍ପାଦକ ଡଃ ପି.କେ ନନ୍ଦ, ଆଇନଜୀବୀ ଅକ୍ଷୟ ଦାସ, ପ୍ରଫେସର ବିଭୂତି ଭୂଷଣ ପଣ୍ଡା, ପ୍ରଦୋଷ ପଟ୍ଟନାୟକ, ପ୍ରଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ଓ ଓଡ଼ିଆ ଜାତି ପାଇଁ ମଧୁସୂଦନ ଦାସଙ୍କ ଅବଦାନ ଚିରସ୍ମରଣୀୟ। ମଧୁସୂଦନ ଦାସ ହେଉଛନ୍ତି ଏକ ବିଶାଳ ଇତିହାସ ଯାହାର ବର୍ଣ୍ଣନା କରିହେବ ନାହିଁ। ଯିଏ ନିଜ ପାଇଁ କିଛି କରିଥାଏ ତାଙ୍କ ବିଷୟରେ ଚର୍ଚ୍ଚା କରାଯାଏ। ଯିଏ ସମାଜ ପାଇଁ ସବୁ କିଛି କରିପାରେ ତାଙ୍କ ନାମ ଇତିହାସରେ ପଢ଼ାଯାଏ ବୋଲି ରଥ କହିଥିଲେ। ରାଜଧାନୀ ପାଠାଗାର ଓ କ୍ଲବ ଯୁବଶକ୍ତିର ମିଳିତ ସହଯୋଗରେ ପ୍ରତିବର୍ଷ ମହାଆଡମ୍ବରରେ ମଧୁ ଜୟନ୍ତୀ ପାଳନ କରାଯାଏ କିନ୍ତୁ ଗତ ୨ ବର୍ଷ ହେଲା କୋଭିଡ-୧୯ ପାଇଁ ସବୁ କିଛି ବନ୍ଦ ରହିବା ସହ ସରକାରଙ୍କ କୋଭିଡ୍ ଗାଇଡଲାଇନ ଅନୁସାରେ ଜୟନ୍ତୀ ପାଳନ କରାଯାଉଥିବା ପାଠାଗାର ପକ୍ଷରୁ କୁହାଯାଇଥିଲା।

# ୨୫୭୦.୫୪ କୋଟିର ୯ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

### ୩ ହଜାର ଜଣଙ୍କୁ ମିଳିବ ନିଯୁକ୍ତି

ରାଜ୍ୟ ସରକାର ୨୫୭୦.୫୪ କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, ମାନୁଫାକ୍ଚରିଂ, ପ୍ଲାଷ୍ଟିକ, ସିମେଣ୍ଟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି ୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।। ଏହି ଶିଳ୍ପରେ ୨୭୫୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମଲାଗାମ ରିସୋର୍ସେସ ପ୍ରାଇଭେଟ ଲିମିଟେଡ କେନ୍ଦୁଝର ଜିଲାର ଯୋଡ଼ାଠାରେ ୮୮୨ କୋଟି ଟଙ୍କା ପୁଞ୍ଜିନିବେଶରେ ବାର୍ଷିକ ୧୫ ନିୟୁତ ଟନ୍ ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୭୦୨ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଆର୍ଡେଣ୍ଟ ଷ୍ଟିଲ୍ କେନ୍ଦୁଝର ଜିଲାର ବାଂଶପାଳଠାରେ ୮୦.୫ କୋଟି ଟଙ୍କା ବ୍ୟୟରେ ୩ ନିୟୁତ ଟନ୍‌ର ଆଇରନ ଓର୍ ସାଟେଲାଇଟ ଗ୍ରାଇଣ୍ଡିଂ ୟୁନିଟ ଏବଂ ୩ ନିୟୁତ ଟନ୍‌ର ସ୍ଲରି ପାଇପ ଲାଇନ ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ଲାନସେଟ ଇଞ୍ଜିନିୟରିଂ ପକ୍ଷରୁ ଖୋର୍ଦ୍ଧା ଜିଲାରେ ୧୦୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୪୫ କୋଟି ରେଜର ବ୍ଲେଡ ପ୍ରସ୍ତୁତି କାରଖାନା ସ୍ଥାପନ କରିବ। ଏଥିରେ ୯୦ ଜଣଙ୍କୁ ନିଯୁକ୍ତି ମିଳିବ। ଏପ୍‌ସିଲନ କାର୍ବନ ଅଶୋକା ପକ୍ଷରୁ ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ଦୁଇଟି ପର୍ଯ୍ୟାୟରେ ବାର୍ଷିକ ୮,୭୫,୦୦୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ କାର୍ବନ କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ ୯୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୬୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଓରିଏଣ୍ଟ ପେପର ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରଠାରେ ଦୈନିକ ୧୨୦ ଟନ୍ କ୍ଲୋରୋ-ଆଲକାଲି କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ କମ୍ପାନୀ ୧୬୨ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବା ସହ ୩୩୮ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ଗଜପତି ଜିଲାରେ ଡିଷ୍ଟିଲେରି ୟୁନିଟ ସ୍ଥାପନ କରାଯିବ। ଏଥିରେ ୨୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ରାମିକି ଏନଭିରୋ ଇଞ୍ଜିନିୟର୍ସ ରାୟଗଡ଼ା ଜିଲାର ବୁରୁଜୁଗୁଡାଠାରେ ଇଣ୍ଟିଗ୍ରେଟେଡ କମନ ହାଜାର୍ଡସ ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୨୮.୮୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବା ସହ ୫୦ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେହିପରି ଏଚଆଇଏଲ ଲିମିଟେଡ ବାଲେଶ୍ୱର ଜିଲାରେ ସିମେଣ୍ଟ ସାଣ୍ଡୱିଚ ପ୍ୟାନେଲ ୟୁନିଟି ସ୍ଥାପନ କରିବ। ଏଥିରେ ୬୩.୨୪ କୋଟି ଟଙ୍କାରୁ ପୁଞ୍ଜିନିବେଶ ହେବା ସହ ୨୬୫ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେଞ୍ଚୁରୀ ଫାଇବର ପ୍ଲେଟସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧା ଜିଲାରେ ମାଟ୍ରେସ, ଫାଇବର ପିଲୋ ପ୍ରସ୍ତୁତି ୟୁନିଟ ସ୍ଥାପନ କରିବ। କମ୍ପାନୀ ଏହି ପ୍ରକଳ୍ପରେ ୫୪ କୋଟି ଟଙ୍କା ବିନିଯୋଗ କରିବା ସହ ୨୫୦ ଜଣଙ୍କୁ ନିଯୁକ୍ତି ଯୋଗାଇ ଦେବ।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ରାଜଭବନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଅସହାୟ ରୋଗୀଙ୍କୁ ଚିକିତ୍ସା ମିଳୁନି**

## ମାନବ ଅଧିକାର ଆୟୋଗର ଦ୍ୱାରସ୍ଥ ହେଲେ ସାମାଜିକକର୍ମୀ

**କଟକ ଅଫିସ, ୨୮।୪**

ଏସ୍‌ସିବି ମେଡିକାଲକୁ ଆସୁଥିବା ଅସହାୟ ଓ ଅପରିଚିତ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ମେଡିକାଲ ପରିସରରେ ରୋଗୀମାନେ ବିନା ଚିକିତ୍ସା ଓ ଅସହାୟ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳୁଛି। ଏ ନେଇ ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଏବଂ ଦୀପକ କୁମାର ଆଚାର୍ଯ୍ୟ ବୁଧବାର ମାନବ ଅଧିକାର ଆୟୋଗର ଦ୍ୱାରସ୍ଥ ହୋଇଛନ୍ତି । ଅଚ୍ୟୁତ ଆବେଦନରେ ଉଲ୍ଲେଖ କରିଛନ୍ତି, ଏସ୍‌ସିବିରେ ରୋଗୀମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ । ଏଭଳି ଦୃଶ୍ୟ ବାରମ୍ବାର ଗଣ ମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ମାନବିକତା ଦୃଷ୍ଟି କୋଣରୁ ବିଚାର କରି ଅସହାୟ, ଅପରିଚିତ ରୋଗୀମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ ମେଡିକାଲ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ତାଙ୍କ ଆବେଦନରେ ଉଲେଖ କରିଛନ୍ତି ।

## ପୁଣି ମୁଣ୍ଡ ଟେକିଲା ବଗଲା ବିବାଦ

**ପୁରୀ ଅଫିସ, ୨୮।୪**

ପୁଣି ମୁଣ୍ଡ ଟେକିଛି ବଗଲା ବିବାଦ। ପୁରୀ ବଡ଼ଦାଣ୍ଡସ୍ଥିତ ବଗଲା ଧର୍ମଶାଳାରେ ଭିତର ସେବାୟତ ନିଯୋଗ ପକ୍ଷରୁ ପାଚେରି ନିର୍ମାଣ ଆରମ୍ଭ ହୋଇଛି। ନିଯୋଗ ପକ୍ଷରୁ ବୁଲ୍‌ଡୋଜର ଲଗାଯାଇ ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନରେ ପାଚେରି ତିଆରି କରାଯାଉଛି। ଏକ ମାସ ତଳେ ସମ୍ପୃକ୍ତ ଜମିରେ ଭୂମି ପୂଜନ କରାଯାଇଥିଲା। ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ବେଳେ ବିସ୍ଥାପିତ ହୋଇଥିବା ୬ଜଣଙ୍କୁ ଜିଲା ପ୍ରଶାସନ ଜମି ଦେଇଛି। ସମ୍ପୃକ୍ତ ଜମିର ପଟ୍ଟା ମଧ ବିସ୍ଥାପିତଙ୍କ ପାଖରେ ରହିଛି। ଏଣୁ ଆଇନତଃ କାର୍ଯ୍ୟ ହେଉଛି ବୋଲି ଜମି ମାଲିକ ତଥା ଭିତର ସେବାୟତ ନିଯୋଗ ସଦସ୍ୟ ବିନାୟକ ଦାସ ମହାପାତ୍ର କହିଛନ୍ତି।

## ରୂପ କୁମାର ପ୍ରଧାନଙ୍କ ଜୟ ଫୁଲ ରିଟାୟର୍ଡମେଣ୍ଟ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୨୮।୪**

ଜଣାଶୁଣା ଫାଇନାନ୍ସ ପ୍ଲାନର୍ ତଥା ସ୍ମାର୍ଟମନ୍ତ୍ରା ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ରୂପ କୁମାର ପ୍ରଧାନଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଜୟ ଫୁଲ ରିଟାୟର୍ଡମେଣ୍ଟ – ଦି ୭ ଷ୍ଟେପ୍ ଷ୍ଟ୍ରାଟେଜି ଫର୍ ହେଲଦି, ୱେଲଦି ଆଣ୍ଡ ଆର୍ଲି ରିଟାୟର୍ଡମେଣ୍ଟ' ଉନ୍ମୋଚିତ ହୋଇଯାଇଛି। ଏକ ଭିଡିଓ କନଫେରନ୍ସିଂ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି ଉକ୍ତ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବ୍ରିଟେନ ଶ୍ରୀଜଗନ୍ନାଥ ସୋସାଇଟିର ଅଧ୍ୟକ୍ଷ ଡକ୍ଟର ସହଦେବ ସ୍ୱାଇଁ, ଲଣ୍ଡନ ଏସ୍‌ଏମ୍‌ଏସ୍ ମାଇକ୍ରୋସିଷ୍ଟମ୍ ଲିମିଟେଡର ନିର୍ଦ୍ଦେଶକ ଶରଦ କୁମାର ଝା, ସ୍ମାର୍ଟ ଆକ୍ୟୁମେନ କନସଲଟିଂର ପ୍ରତିଷ୍ଠାତା ଧନଞ୍ଜୟ ବାଣ୍ଟିଆ, ଇନଭେଷ୍ଟମେଣ୍ଟ ଭ୍ରିଧିର ନିର୍ଦ୍ଦେଶକ ମ୍ରିଗେନ୍ଦ୍ର ମିଶ୍ର, ସିଙ୍ଗାପୁରସ୍ଥିତ ଏଟିଟିଟ୍ ପିଟେ ଲିମିଟେଡର ସିଇଓ ରଘୁ ରେଡ୍ଡୀ, କୋଲକତାସ୍ଥିତ ଏସ୍‌ଏସ୍‌ଏଲ ଏକାଡେମୀ ଏମ୍‌ଡି କନକ କେ. ଜୈନ୍, ମୁମ୍ବାଇସ୍ଥିତ ଇଟିକା ୱେଲଥ ପ୍ରାଇଭେଟ ଲିମିଟେଡର ସିଇଓ ଗଜେନ୍ଦ୍ର କୋଠାରୀ, ଅଥର୍ ଜ୍ୟୋତ୍ସ୍ନା ରାମଚନ୍ଦ୍ରନ୍ ପ୍ରମୁଖ ଯୋଗଦେଇଥିଲେ। ଅବସର ଜୀବନ ପାଇଁ ଜଣେ ବ୍ୟକ୍ତି କିଭଳି ବହୁ ପୂର୍ବରୁ ସଞ୍ଚୟ ଯୋଜନା କରିପାରିବେ ତାହା ହିଁ ଏହି ପୁସ୍ତକର ମୁଖ୍ୟ ବିଷୟବସ୍ତୁ। ସଞ୍ଚୟ ଯୋଜନାର ଆକ୍ସନ୍ ପ୍ଲାନ୍ ଏବଂ ବିଶେଷଜ୍ଞଙ୍କ ସହ ସାକ୍ଷାତକାର ମଧ ଏଥିରେ ସ୍ଥାନିତ ହୋଇଛି। ପେନ୍ ମ୍ୟାନ୍ ବୁକସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ହାର୍ଡକଭର୍ ଏବଂ ପେପର ବ୍ୟାକ୍ ଆକାରରେ ମଧ ଉପଲବ୍ଧ। ସେହିଭଳି ଅନଲାଇନ ପ୍ଲାଟଫର୍ମ ଆମାଜନ୍‌ରେ ଏହା ଉପଲବ୍ଧ ହେବାର ଦିନକ ପରେ ବେଷ୍ଟ ସେଲର୍ ପୁସ୍ତକର ମାନ୍ୟତା ପାଇଛି। ଚଳିତ ମାସ ୨୯ ତାରିଖଯାଏ ଉକ୍ତ ପୁସ୍ତକ ଉପରେ ୩୦% ରିହାତି ରହିଛି।

# 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ'

**କଟକ ଅଫିସ/ ସାଲେପୁର, ୨୮।୪(ଡି.ଏନ୍.ଏ.)**

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏଶନର ପାଠାଗାର ଗୃହ ସମ୍ମୁଖରେ ସ୍ଥାପନ କରାଯାଇଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ, ଜଷ୍ଟିସ କେ.ଆର୍. ମହାପାତ୍ର, ଜଷ୍ଟିସ ସଙ୍ଗମ ସାହୁ, ଆଡଭୋକେଟ ଜେନେରାଲ ଅଶୋକ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟ ବିଚାରପତି ଓ ବିଚାରପତି ଜଷ୍ଟିସ ସି.ଆର୍. ଦାଶଙ୍କୁ ଆସୋସିଏଶନ ସମ୍ପାଦକ ଡ. ଜିତେନ୍ଦ୍ର କୁମାର ଲେଙ୍କା ହାଇକୋର୍ଟ ବାର୍ ଆସୋସିଏଶନର ଏକ ଲୋଗୋ ପ୍ରଦାନ କରିଥିଲେ।

କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ପରିସରରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ହାଇକୋର୍ଟ ପରିସରରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଅନ୍ୟମାନେ।

ଆସୋସିଏଶନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ କଟକ ସିଭିଲ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ଓ ମୋଟର ଭେହିକିଲ ଲୟର୍ସ ଆସୋସିଏଶନର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର, ଆଇଟିଆଇ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

କଟକ ଜିଲା ପ୍ରଶାସନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ କ୍ୟାଣ୍ଟନମେଣ୍ଟ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍କୁଲ ପରିସର ଓ ନେତାଜୀ ପ୍ରେକ୍ଷାଳୟରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ, ଶିକ୍ଷକ ପ୍ରଦୀପ ନାୟକ, ଚାରୁଲତା ସିଂ, ଛାତ୍ର ସଂସଦର ସାଧାରଣ ସମ୍ପାଦକ ଦେବାଶିଷ ଦାସ, ଯୁଗ୍ମ ସମ୍ପାଦକ ବସନ୍ତ ବେହେରା, ମନୋଜ ସାହୁ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଉତ୍କଳ ସାହିତ୍ୟ ସମାଜ ଓ ଉତ୍କଳ ସମ୍ମିଳନୀ କଟକ ଜିଲା ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ବ୍ଲକ, କୁଆଁପାଳ ଛକ, ମଧୁ ସ୍ମୃତିଭବନରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ସାଲେପୁର କଂଗ୍ରେସ, ସାଲେପୁର ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା।

## ମଧୁବାବୁଙ୍କ ସମାଧିପୀଠ ସୌନ୍ଦର୍ଯ୍ୟକରଣ ଦାବିରେ ନୀରବ ପ୍ରତିବାଦ

**କଟକ ଅଫିସ, ୨୮।୪**

ମଧୁବାବୁଙ୍କ ସମାଧିପୀଠ ସୌନ୍ଦର୍ଯ୍ୟକରଣ ଦାବିରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବୁଧବାର ନିରବ ପ୍ରତିବାଦ କରାଯାଇଛି । ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧି ପୀଠରେ ଉତ୍କଳ ସମ୍ମିଳନୀ ଯୁବ ସେବକ ବାହିନୀ କଟକ ଶାଖା ନେତୃତ୍ୱରେ ସହରର ସ୍ୱପ୍ନ ଫାଉଣ୍ଡେସନ୍, ଜୟ ଜଗନ୍ନାଥ ସେବା ସମିତି, ପାରିଜାତ ଫାଉଣ୍ଡେସନ୍, ସିଲଭର୍ ସିଟି କଟକ, ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚ ଓ ଅନ୍ୟ ସାମାଜିକ ସଙ୍ଗଠନ କର୍ମୀମାନେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ଏଥିରେ ଉତ୍କଳ ସମ୍ମିଳନୀ କଟକ ଜିଲା ଶାଖାର ସାଧାରଣ ସମ୍ପାଦକ କିଶୋର ମହାନ୍ତି, ଉପସଭାପତି ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଉପେନ୍ଦ୍ର ବେହେରା, ସନ୍ତୋଷ ମହାରଣା, ଜଗନ୍ନାଥ ମହାନ୍ତି, ତାପସ ମହାନ୍ତି, ଚୌଧୁରୀ ଶାଶ୍ୱତ ମହାପାତ୍ର, ପ୍ରକାଶ ସାହୁ, ଅଧ୍ୟାପକ ଶାନ୍ତନୁ ପଣ୍ଡା ଯୋଗ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରାକେଶ



@ ଦିଲୀପ



@ ରଞ୍ଜନ



@ ପ୍ରକାଶ



@ ବିରାଟ



@ ସିଦ୍ଧାର୍ଥ



@ ଅକ୍ଷୟ

## ଯୋଜନା ବୋର୍ଡ ବେଗୁନିଆ ବ୍ଲକ ପ୍ରତିନିଧି ସୌରୀ ସାହୁ

ବେଗୁନିଆ,୨୮।୪(ଡି.ଏନ୍.ଏ)-ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌରୀ ସାହୁଙ୍କୁ ଜିଲା ଯୋଜନା ବୋର୍ଡ ପକ୍ଷରୁ ପ୍ରତିନିଧି ଭାବେ ଦାୟିତ୍ୱ ଦିଆଯାଇଛି। ଏ ନେଇ ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ଗତ ୨୦ତାରିଖରେ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ବେଗୁନିଆ ବ୍ଲକ ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ଓ ଜନସାଧାରଣଙ୍କ ସମସ୍ୟା ଦୂର କ୍ଷେତ୍ରରେ ନବନିଯୁକ୍ତ ପ୍ରତିନିଧି ସହଯୋଗ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଦାୟିତ୍ୱ ମିଳିଥିବାରୁ ସାହୁ ଜିଲା ଯୋଜନା ବୋର୍ଡ ଅଧକ୍ଷ ଜଗଦେବ ଓ ବ୍ଲକବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ଟିକା ନ ପାଇ ଫେରିଲେ ଲୋକେ

ଖୋର୍ଦ୍ଧା ଅଫିସ,୨୮।୪: ଖୋର୍ଦ୍ଧା ଜିଲାରେ ଗତ ୩ ଦିନ ହେଲା ଟିକା ନ ଥିବାରୁ ଟିକାକରଣ ବାଧାପ୍ରାପ୍ତ ହୋଇଛି। ଫଳରେ ଟିକା ନେବାକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ବୁଧବାର ଜିଲାର ଗୋଟିଏ କେନ୍ଦ୍ରରେ ୧୪୨ ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆବଶ୍ୟକ ପରିମାଣ ଟିକା ଆସି ନ ଥିବାରୁ ଟିକାକରଣରେ ବାଧା ସୃଷ୍ଟି ହୋଇଥିବା ଜଣେ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ମଧ ଲୋକେ ଟିକା ନେବାକୁ ଆସିଥିଲେ। ତେବେ ଟିକା କେନ୍ଦ୍ରରେ ତାଲା ଝୁଲୁଥିଲା। ଟିକା ନ ଥିବା ଦର୍ଶାଇ ଟିକାଦାନ ବନ୍ଦ କରାଯାଇଛି ବୋଲି କେନ୍ଦ୍ର ଆଗରେ କାଗଜରେ ଲେଖି ଲଗାଯାଇଛି। ଟିକାଦାନ ବନ୍ଦ ନେଇ ପୂର୍ବରୁ ସୂଚନା ଦିଆଯାଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରି ଫେରିଥିଲେ।

### କୋରେକ୍ସ ବିକି ୪ ଗିରଫ

ପୁରୀ ଅଫିସ, ୨୮।୪- ପୁରୀ ବାସେଳୀ ସାହି ଥାନା ପୋଲିସ ବୁଧବାର ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ୩ ଯୁବକ ଏବଂ ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ଡେଲଟା କଲୋନୀର ଲକ୍ଷ୍ମୀପ୍ରିୟା ବରାଳ, ବାସେଳୀ ସାହି ଥାନା ଅନ୍ତର୍ଗତ ବାଲିସ୍କୁଲ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ଗୋଖାସାହି ଅଞ୍ଚଳର ରାକେଶ ବେହେରା ଏବଂ ବାରବାଟୀ ନୂଆସାହିର ରାଜକିଶୋର ବେହେରା। ଏନେଇ ପୋଲିସ କେସ ନଂ. ୬୮/୨୧ ରୁଜୁ କରିଛି। ଅଭିଯୁକ୍ତମାନଙ୍କଠାରୁ ୩୭ ଟି କୋରେକ୍ସ ବୋଲତ ଜବତ ହୋଇଛି।

### ମଧୁବାବୁ ସମଗ୍ର ଭାରତର ଗୌରବ

ଖୋର୍ଦ୍ଧା ଅଫିସ,୨୮।୪: ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଖୋର୍ଦ୍ଧାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମୁକୁନ୍ଦପ୍ରସାଦସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ୍ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ ''ଭାରତ ଗୌରବ ମଧୁସୂଦନ'' ଲୋକାର୍ପିତ କରିବା ସହ ମଧୁବାବୁ କେବଳ ଉତ୍କଳର ନୁହଁ ସମଗ୍ର ଭାରତର ଗୌରବ ବୋଲି କହିଥିଲେ। ମଧୁବାବୁଙ୍କ ପୂର୍ବପୁରୁଷ ଖୋର୍ଦ୍ଧା ଅଞ୍ଚଳରୁ ଯାଇଥିବାରୁ ବୀରମାଟି ଖୋର୍ଦ୍ଧାରେ ତାଙ୍କର ଏକ ଭବ୍ୟ ସ୍ମାରକୀ ପାଇଁ ବୁଦ୍ଧିଜୀବୀ ରାମଶଙ୍କର, ଐତିହାସିକ ସତ୍ୟବାଦୀ ବଳିଆରସିଂ ଦାବି କରିଥିଲେ। ଅର୍ଜ୍ଜୁନ ଚରଣ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ସାମନ୍ତରାୟ, ଜ୍ଞାନରଞ୍ଜନ ଦାଶ, ବସନ୍ତ ଦାଶ, ବିକ୍ରମ ଚମ୍ପତି, ସୁଶୀଲ ମହାନ୍ତି, ଅକ୍ଷୟ ସାହୁ, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

### ମଧୁବାବୁ ଜୟନ୍ତୀ ପାଳିତ

ଜଟଣୀ,୨୮।୪(ଡି.ଏନ.ଏ.)- ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥ 'ଜଟଣୀ ଲୟର୍ସ ଆସୋସିଏଶନ'ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯିବା ସହ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଂଘର ସଭାପତି ସୁଶୀଲ କୁମାର ମହାନ୍ତି ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# ୨୫୭୦.୫୪ କୋଟିର ୯ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟ ସରକାର ୨୫୭୦.୫୪ କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, ମାନୁଫାକ୍ଚରିଂ, ପ୍ଲାଷ୍ଟିକ, ସିମେଣ୍ଟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି ୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।। ଏହି ଶିଳ୍ପରେ ୨୭୫୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମଲାଗାମ ରିସୋର୍ସେସ ପ୍ରାଇଭେଟ ଲିମିଟେଡ କେନ୍ଦୁଝର ଜିଲାର ଯୋଡ଼ାଠାରେ ୮୮୨ କୋଟି ଟଙ୍କା ପୁଞ୍ଜିନିବେଶରେ ବାର୍ଷିକ ୧୫ ନିୟୁତ ଟନ୍ ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରିବ।

### ୩ ହଜାରଙ୍କୁ ମିଳିବ ନିଯୁକ୍ତି

ଏଥିରେ ୭୦୨ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଆର୍ଡେଣ୍ଟ ଷ୍ଟିଲ୍ କେନ୍ଦୁଝର ଜିଲାର ବାଂଶପାଳଠାରେ ୮୦.୫ କୋଟି ଟଙ୍କା ବ୍ୟୟରେ ୩ ନିୟୁତ ଟନ୍‌ର ଆଇରନ ଓର୍ ସାଟେଲାଇଟ ଗ୍ରାଇଣ୍ଡିଂ ୟୁନିଟ ଏବଂ ୩ ନିୟୁତ ଟନ୍‌ର ସ୍ଲରି ପାଇପ ଲାଇନ ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ଲାନସେଟ ଇଞ୍ଜିନିୟରିଂ ପକ୍ଷରୁ ଖୋର୍ଦ୍ଧା ଜିଲାରେ ୧୦୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୪୫ କୋଟି ରେଜର ବ୍ଲେଡ ପ୍ରସ୍ତୁତି କାରଖାନା ସ୍ଥାପନ କରିବ। ଏଥିରେ ୯୦ ଜଣଙ୍କୁ ନିଯୁକ୍ତି ମିଳିବ। ଏପ୍‌ସିଲନ କାର୍ବନ ଅଶୋକା ପକ୍ଷରୁ ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ଦୁଇଟି ପର୍ଯ୍ୟାୟରେ ବାର୍ଷିକ ୮,୭୫,୦୦୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ କାର୍ବନ କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ ୯୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୬୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଓରିଏଣ୍ଟ ପେପର ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରଠାରେ ଦୈନିକ ୧୨୦ ଟନ୍ କ୍ଲୋରୋ-ଆଲକାଲି କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ କମ୍ପାନୀ ୧୬୨ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବା ସହ ୩୩୮ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ଗଜପତି ଜିଲାରେ ଡିଷ୍ଟିଲେରି ୟୁନିଟ ସ୍ଥାପନ କରାଯିବ। ଏଥିରେ ୨୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ରାମିକି ଏନଭିରୋ ଇଞ୍ଜିନିୟର୍ସ ରାୟଗଡ଼ା ଜିଲାର ବୁରୁଜୁଗୁଡାଠାରେ ଇଣ୍ଟିଗ୍ରେଟେଡ କମନ ହାଜାର୍ଡସ ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୨୮.୮୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବା ସହ ୫୦ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେହିପରି ଏଚଆଇଏଲ ଲିମିଟେଡ ବାଲେଶ୍ୱର ଜିଲାରେ ସିମେଣ୍ଟ ସାଣ୍ଡୱିଚ ପ୍ୟାନେଲ ୟୁନିଟି ସ୍ଥାପନ କରିବ। ଏଥିରେ ୬୩.୨୪ କୋଟି ଟଙ୍କାରୁ ପୁଞ୍ଜିନିବେଶ ହେବା ସହ ୨୬୫ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେଞ୍ଚୁରୀ ଫାଇବର ପ୍ଲେଟସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧା ଜିଲାରେ ମାଟ୍ରେସ, ଫାଇବର ପିଲୋ ପ୍ରସ୍ତୁତି ୟୁନିଟ ସ୍ଥାପନ କରିବ। କମ୍ପାନୀ ଏହି ପ୍ରକଳ୍ପରେ ୫୪ କୋଟି ଟଙ୍କା ବିନିଯୋଗ କରିବା ସହ ୨୫୦ ଜଣଙ୍କୁ ନିଯୁକ୍ତି ଯୋଗାଇ ଦେବ।



ବେଗୁନିଆ ବ୍ଲକର କଣ୍ଟାବାଡସ୍ଥିତ ରମାମଣି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାକାର୍ଡ ଧରି କରୋନା ସଚେତନତା କରୁଛନ୍ତି ।

# ଖୋର୍ଦ୍ଧା ଗ୍ରାମାଞ୍ଚଳ: ଶହେ ଟପିଲା ସଂକ୍ରମଣ

ଖୋର୍ଦ୍ଧା ଅଫିସ,୨୮।୪ :

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢିଚାଲିଛି। ବୁଧବାର ୧୧୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ସଂଖ୍ୟା ୧୪୪୭୩ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୩୮୨୮ ଜଣ ସୁସ୍ଥ ହୋଇଥିବାବେଳେ କୋଭିଡ୍‌ରେ ୫୭ ଜଣଙ୍କ ମୃତ୍ୟୁ ଘଟିଛି। ୫୮୮ ଜଣ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ବୁଧବାର ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା (ବ୍ଲକ/ସହର)ରୁ ସର୍ବାଧିକ ୩୪ଜଣ ରହିଛନ୍ତି। ସେହିପରି ଜଟଣୀ ବ୍ଲକରେ ୧୭, ବାଲିଅନ୍ତାରେ ୧୬, ଭୁବନେଶ୍ୱର ବ୍ଲକରେ ୮, ବେଗୁନିଆରେ ୧୩, ବୋଲଗଡ଼ରେ ୨, ଟାଙ୍ଗୀରେ ୫, ଚିଲିକାରେ ୬, ବାଣପୁରରେ ୩, ଅନ୍ୟ ଜିଲା (ଏଠାରେ ଆସି ସଂକ୍ରମିତ)ରୁ ୭ଜଣ ରହିଛନ୍ତି।

### ଟାଙ୍ଗୀ ବ୍ଲକରେ ସମୀକ୍ଷା କଲେ ପିଡି

ବୁଧବାର ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଟାଙ୍ଗୀ ବ୍ଲକରେ କୋଭିଡ୍ ସମୀକ୍ଷା କରିଛନ୍ତି। ସେ କୋଭିଡ୍ ସଚେତନତା, ଟିକାକରଣ, ପରୀକ୍ଷଣ ଉପରେ ଗୁରୁତ୍ୱ ଦେବା ସହ ବାହାର ରାଜ୍ୟ ଫେରାନ୍ତଙ୍କ ଉପରେ ନଜର ରଖିବାକୁ କହିଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ରୋଗୀଙ୍କ ସହିତ ନିୟମିତ ଯୋଗାଯୋଗ ରହିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ଲାଗି ଜିଲାସ୍ତରରେ ଏକ ସ୍ୱତନ୍ତ୍ର ମନିଟରିଂ ଟିମ୍ ଗଠନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସପଟ୍ଟନାୟକ ଏହି ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳ ସହ ବାଣପୁର ଓ ବାଲୁଗାଁ ଏନ୍‌ଏସିରେ ବସ୍ତି ଏବଂ ୱାର୍ଡସ୍ତରୀୟ କୋଭିଡ୍ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ପୌର ନିର୍ବାହୀ ଅଧିକାରୀ ଓ ୱାର୍ଡ ଅଫିସର ସମୀକ୍ଷା କରିଥିଲେ। ବେଗୁନିଆ ବ୍ଲକରେ ଆର୍‌ଆର୍‌ଟି ଟିମ୍ ଘର ଘରକୁ ବୁଲି ଥର୍ମାଲ ସ୍କ୍ରିନିଂ ସହ କଣ୍ଟାକ୍ଟ ଟ୍ରେସିଂ, ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିବା ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି।

# ବେଗୁନିଆର ୨ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା

ବେଗୁନିଆ,୨୮।୪(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନେଇ ପ୍ରଶାସନର ଚିନ୍ତା ବଢିବାସହ ସଂକ୍ରମିତଙ୍କ ସଂଖ୍ୟା ରୋକିବା ପାଇଁ ଆବଦ୍ଧାଞ୍ଚଳ ଘୋଷଣା କରିଛି। ବେଗୁନିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାରିଣୀ ମନ୍ଦିର ଓ ବରମୂଲେଇ ପୀଠ ନିକଟବର୍ତ୍ତୀ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଖୋର୍ଦ୍ଧା ଉପ ଜିଲାପାଳ ଅଶୋକ କୁମାର ବେହୁରିଆଙ୍କ ଚିଠି ନଂ. ୨୦୬୮/୨୭।୪ ଯୋଗେ ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତମାସ ୨୭ତାରିଖ ସନ୍ଧ୍ୟା ୭ଟାରୁ ଆସନ୍ତା ୩ତାରିଖ ରାତି ୯ଟା ପର୍ଯ୍ୟନ୍ତ ଆବଦ୍ଧଅଞ୍ଚଳ ଭାବେ ଘୋଷଣା କରାଯାଇଛି। ନିର୍ଦ୍ଦିଷ୍ଟ ଏହି ଅଞ୍ଚଳରେ ୭ଦିନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ ରହିବ। ସୂଚନାଥାଉ କି, ଗୋଟିଏ ଦିନରେ ଉକ୍ତ ଅଞ୍ଚଳରୁ ୫ଜଣ ପଜିଟିଭ ଚିହ୍ନଟ କରାଯାଇଛି। ସେହିପରି ଏହି ବ୍ଲକ ଅଞ୍ଚଳରୁ ୨୭ତାରିଖ ସନ୍ଧ୍ୟା ସୁଦ୍ଧା ସମୁଦାୟ ୫୮ଜଣ ପଜିଟିଭ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ମଲ୍ଲୀପୁର ୭ଦିନ କଣ୍ଟେନମେଣ୍ଟ ଜୋନ୍

ଖୋର୍ଦ୍ଧା ଅଫିସ,୨୮।୪:

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମଲ୍ଲିପୁର ପଞ୍ଚାୟତର ମଲ୍ଲିପୁର ଗ୍ରାମକୁ ବୁଧବାର ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ୭ଦିନ ଲାଗି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ବୁଧବାରଠାରୁ ଆସନ୍ତା ମେ ୪ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ୨୨୧ଟି ପରିବାରର ୧୧୦୮ ଲୋକ ଏହି ଆବଦ୍ଧାଞ୍ଚଳରେ ରହିବେ। ଜନସ୍ୱାର୍ଥ ଏବଂ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଉପଜିଲାପାଳ କହିଛନ୍ତି। ପ୍ରକାଶ ଯେ, ବୁଧବାର ଖୋର୍ଦ୍ଧା ବ୍ଲକରେ ୩୪ଜଣ ସଂକ୍ରମିତ ହୋଇଥିବା ବେଳେ ମଲ୍ଲୀପୁର ଗ୍ରାମରୁ ଅଧିକ ରହିଛନ୍ତି। କଣ୍ଟେନମେଣ୍ଟ ଘୋଷଣା ଯୋଗୁ ଗ୍ରାମବାସୀ ବାହାରକୁ ଯିବେ ନାହିଁ। ବାହର ଲୋକ ଏହି ଆବଦ୍ଧାଞ୍ଚଳରେ ପ୍ରବେଶ କରିବେ ନାହିଁ। ସମ୍ପୂର୍ଣ୍ଣ ଅଞ୍ଚଳକୁ ସାନିଟାଇଜ କରାଯିବା ସହ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ହେବ ବୋଲି ସରପଞ୍ଚ ବିଜୟ ଦାସ କହିଛନ୍ତି।

### କରୋନା ଆକ୍ରାନ୍ତଙ୍କ ଦୋକାନ ସିଲ୍, ଘର ସାନିଟାଇଜ

କୋଣାର୍କ,୨୮।୪(ଡି.ଏନ.ଏ.)

ସାରା ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ପରିସ୍ଥିତି ସୃଷ୍ଟି କଲାଣି। କୋଣାର୍କରେ ଦୈନିକ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ କଟକଣା ଜୋରଦାର କରାଯାଇ କଡ଼ା ପଦକ୍ଷେପ ନିଆଯାଇଛି। ବୁଧବାର ଥାନାଛକର ଜଣେ ବ୍ୟବସାୟୀଙ୍କ ପଜିଟିଭ ଜଣାପଡିବା ପରେ ତାଙ୍କ ଦୋକାନକୁ ସିଲ୍ କରିଦିଆଯାଇଛି। ପରେ କୋଣାର୍କ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଚିହ୍ନଟ ବ୍ୟକ୍ତିଙ୍କ ଘରକୁ ସାନିଟାଇଜ କରାଯାଇଛି। କୋଣାର୍କ କୋଭିଡ ସେବା କେନ୍ଦ୍ରରେ ବିଭିନ୍ନ ସ୍ଥାନରୁ ପ୍ରାୟ ୨୫ଜଣ ଆକ୍ରାନ୍ତଙ୍କୁ ରଖାଯାଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବୟସ୍କଙ୍କୁ ଟିକାକରଣ ଚାଲିଛି। ହେଲେ ନାମ ପଞ୍ଜୀକରଣରେ ଅବ୍ୟବସ୍ଥା ଯୋଗୁ ପ୍ରତିଦିନ ବରିଷ୍ଠ ନାଗରିକ ଟିକା ନେଇ ନ ପାରି ନିରାଶ ହୋଇ ଫେରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରାକେଶ


@ ଦିଲୀପ


@ ରଞ୍ଜନ


@ ପ୍ରକାଶ


@ ବିରାଟ


@ ସିଦ୍ଧାର୍ଥ


@ କୁମାର

# ଘଣ୍ଟ, ଶଙ୍ଖ ବଜାଇ ସଚେତନତା


ସରପଞ୍ଚ ଅଭିମନ୍ୟୁ ପଣ୍ଡା ଗାଁ ବୁଲି ମାସ୍କ ବାଣ୍ଟିବା ସହ ଘଣ୍ଟ ବଜାଇ, ଶଙ୍ଖ ଫୁଙ୍କି କରୋନା ସଚେତନ କରୁଛନ୍ତି ।

ନିମାପଡ଼ା,୨୮।୪(ଡି.ଏନ.ଏ.)

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ସଚେତନତା ହିଁ ମୁଖ୍ୟ ଉପଚାର ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘଣ୍ଟ, ଶଙ୍ଖ ଦ୍ୱାରା ଲୋକମାନଙ୍କୁ ସଚେତନ କରାଯାଉଛି। ସରପଞ୍ଚ ଅଭିମନ୍ୟୁ ପଣ୍ଡା ଗାଁ ଦାଣ୍ଡରେ ଘଣ୍ଟ ବଜାଇ, ଶଙ୍ଖ ଫୁଙ୍କି ଘର ଘର ବୁଲି ଗ୍ରାମବାସୀଙ୍କୁ ସଚେତନ କରିବା ସହ ମାସ୍କ ମଧ ବଣ୍ଟନ କରୁଛନ୍ତି। ସରପଞ୍ଚଙ୍କ ଏଭଳି ଅଭିନବ ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା ଓ ସ୍ୱାଗତ କରାଯାଇଛି। ଏହି ଘଣ୍ଟ, ଶଙ୍ଖ ଧ୍ୱନିରେ ଗଡ଼ଇଟାପୋଖରୀ, ପଡ଼ିଆବସ୍ତ, ନାକଡିହ, ବରେହିକଣ, ଷଣ୍ଢପୁର, ଗୋପୀନାଥପାଟଣା ଆଦି ଗ୍ରାମ ବୁଲି ସରପଞ୍ଚ ଓ ଅନ୍ୟ ସାଥୀମାନେ ସଚେତନ କରିଥିଲେ। ଧ୍ୱନି ଶୁଣି ଲୋକେ ଘରୁ ବାହାରକୁ ଆସିବାବେଳେ ସରପଞ୍ଚ ସେମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏଭଳି ପ୍ରାୟ ୪ଶହ ମାସ୍କ ବଣ୍ଟନ କରିଥିବା ସରପଞ୍ଚ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୱାର୍ଡସଭ୍ୟ ବିଜୟ ପାତ୍ର, ସୁପ୍ରଜିତ ପାତ୍ର, ସୁବାସ ଚନ୍ଦ୍ର ଜେନା, ବିଜିରାମ ଲେଙ୍କା, ସୁକାନ୍ତ ପାତ୍ର ପ୍ରମୁଖ ସହାୟତା କରିଥିଲେ।

# ସଂକ୍ରମଣ ବଢୁଛି, ସହଭାଗିତା ଜରୁରୀ

ଖୋର୍ଦ୍ଧା ଅଫିସ,୨୮।୪:

ଖୋର୍ଦ୍ଧା ଜିଲାରେ କୋଭିଡ୍ ସଂକ୍ରମଣ ଦ୍ରୁତଗତିରେ ମାଡ଼ି ଚାଲିଛି। ବୁଧବାର ଜିଲାରେ ୧୮ଶହ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛି। ବିଏମ୍‌ସିକୁ ବାଦ୍‌ଦେଲେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣ ସ୍ଥିତିରେ ରହିଛି। ତଥାପି ସଂକ୍ରମଣ ବଢିବା ଆଶଙ୍କା ଥିବାବେଳେ ଏହାର ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି। କରୋନା ମୁକାବିଲାରେ ଜନସାଧାରଣଙ୍କ ସହଭାଗିତା ଜରୁରୀ ବୋଲି ସେ କହିଛନ୍ତି। ସାନିଟାଇଜ, ମାସ୍କ ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଉଛି। ସବୁଠି ମାସ୍କ ଚେକିଂ କରାଯାଉଛି। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ହେଉଛି। ପଞ୍ଚାୟତ, ସହର ଓ ବସ୍ତି ଅଞ୍ଚଳରେ କୋଭିଡ୍ ପରିଚାଳନା କମିଟି (ସିଏମ୍‌ସି) ଗଠନ କରାଯାଇଛି। ପରିବେଶ ସ୍ୱଚ୍ଛ ରଖିବା, ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କ ରିପୋର୍ଟ, କୋଭିଡ୍

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସମୀକ୍ଷା

ବ୍ୟକ୍ତିଙ୍କ ରିପୋର୍ଟ ଦେବାକୁ ଉକ୍ତ କମିଟିକୁ କୁହାଯାଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୨ଟି ରାପିଡ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ଗଠନ ହୋଇଛି। ଏହି ଟିମ୍ କଣ୍ଟେନମେଣ୍ଟ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସର୍ବେକ୍ଷଣ ସହ ଘରକୁ ଘର ବୁଲି ଥର୍ମାଲ ସ୍କ୍ରିନିଂ କରୁଛନ୍ତି। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ନିଜ ଅଞ୍ଚଳରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଭର୍ଚୁଆଲରେ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ଭୁବନେଶ୍ୱରସ୍ଥିତ ନୀଳାଚଳ ହସ୍ପିଟାଲ ସହଭାଗିତାରେ ବାଲକାଟୀରେ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ (ସିସିସି) କରାଯାଇଛି। ସେଠାରେ ଅକ୍ସିଜେନ, ଆଇସିୟୁ, ସାଧାରଣ ୱାର୍ଡ ବ୍ୟବସ୍ଥା ରହିଛି। ଖୁର୍ଦ୍ଦୁପୁରରେ ୩୦୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର (ସିସିସି) ପ୍ରସ୍ତୁତ ରହିଥିବା ବେଳେ ଝାମୁଝରିରେ ୫ଶହ ଶଯ୍ୟା ବିଶିଷ୍ଟ ସିସିସି ବ୍ୟବସ୍ଥା କରାଯିବ। ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ସଙ୍ଗରୋଧରେ ରହିବା ଲାଗି ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୬ଟି କ୍ଲଷ୍ଟର ଖୋଲାଯାଇଛି। ଏଠାରେ ୮୦୪ଟି ଶଯ୍ୟା ରହିଛି। ଖୋର୍ଦ୍ଧା ଉପଖଣ୍ଡର ବିଭିନ୍ନ ବ୍ଲକରେ ୧୬ ଓ ଭୁବନେଶ୍ୱର ଉପଖଣ୍ଡରେ ୨ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା, ବାଲକାଟୀ, ବାଲିପାଟଣାଏବଂ ଭୁବନେଶ୍ୱର ବ୍ଲକରେ ସଂକ୍ରମଣ ବଢୁଛି। କୁମ୍ଭମେଳା ଫେରନ୍ତା ଓ ପଶ୍ଚିମବଙ୍ଗ ସମେତ ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, କର୍ନାଟକ, ଉତ୍ତରପ୍ରଦେଶ ପ୍ରଭୃତି ଅଞ୍ଚଳରୁ ଫେରୁଥିବା ପ୍ରବାସୀଙ୍କ ଉପରେ କଡା ନଜର ରଖାଯାଇଛି। ବାଲୁଗାଁ ରେଳଷ୍ଟେଶନରେ ୨୧ଜଣ ପଶ୍ଚିମବଙ୍ଗ ଫେରନ୍ତା ଓହ୍ଲାଇଥିଲେ। ସେମାନଙ୍କ ନିକଟରେ ଆର୍‌ଟି-ପିସିଆର ନେଗେଟିଭ ରିପୋର୍ଟ ନ ଥିଲା। ଟିକା ନେଇ ନ ଥିଲେ। ତେଣୁ ସେମାନଙ୍କୁ ୧୪ ଦିନିଆ ସଙ୍ଗରୋଧରେ ରଖାଯାଇଛି। ଖୋର୍ଦ୍ଧା ଜିଲାରେ ଅକ୍ସିଜେନ ମହଜୁଦ ରହିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଅକ୍ସିଜେନ ରିଫିଲିଂ ସଂସ୍ଥା ରହିଛି। ଆବଶ୍ୟକ ପଡ଼ିଲେ ଏଠାରୁ ପଡ଼ୋଶୀ ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲାକୁ ଅକ୍ସିଜେନ ଯୋଗାଇ ଦିଆଯିବ। ଜିଲାରେ କେତେ ପରିମାଣର ଅକ୍ସିଜେନ ଆବଶ୍ୟକ ରହିଛି, କେତେ ମହଜୁଦ ଅଛି, ଏହାର ସମସ୍ତ ଡାଟା ଡ୍ରଗ୍ ଇନ୍ସପେକ୍ଟର ମନିଟରିଂ କରୁଛନ୍ତି। ଟିକା ଓ ପରୀକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ୩୫ କେନ୍ଦ୍ରରେ ଟିକାକରଣ ଚାଲିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୧୦ କେନ୍ଦ୍ରରେ କୋଭିଡ୍ ପରୀକ୍ଷା କରାଯାଉଛି। ବାହାର ରାଜ୍ୟରୁ କୋଭିଡ୍ ସଂକ୍ରମଣ ବୃଦ୍ଧି ନେଇ ଲକ୍‌ଡାଉନ, ଶଟ୍‌ଡାଉନ, ନାଇଟ କର୍ଫ୍ୟୁ ଯୋଗୁ ପ୍ରବାସୀ ଶ୍ରମିକ ଓଡ଼ିଶାମୁହାଁ ହୋଇଛନ୍ତି। ସଂକ୍ରମଣ ରୋକିବା ଲାଗି ଖୋର୍ଦ୍ଧା ରୋଡ, ବାଲୁଗାଁ ଷ୍ଟେଶନରେ ପଞ୍ଜୀକରଣ ଏବଂ ଥର୍ମାଲ ସ୍କିନିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ନାଚୁଣୀ ମହାବିଦ୍ୟାଳୟ ଏବଂ ଆଇଏନ୍‌ଏସ୍ ଚିଲିକା ପ୍ରଭୃତି ସ୍ଥାନରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ଖୋଲିବା ଲାଗି ଯୋଜନା ରହିଛି।